ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/STSC Dev(OD)/1156/28-01-2021

# ଆଦିବାସୀ ମେଳା ୨୦୨୧

ଭୁବନେଶ୍ୱର, ତା.୨୮/୦୧/୨୦୨୧

ଓଡ଼ିଶାରେ ମହିଳା ସଶକ୍ତିକରଣ ଅଧୀନରେ ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି । ମିଶନ ଶକ୍ତିରେ ସାମିଲ ହୋଇଥିବା ରାଜ୍ୟର ୮୦ ଲକ୍ଷ ମହିଳା ଆଜି ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରୁଛନ୍ତି । ଆମେରିକା, ୟୁରୋପର ଡିପାର୍ଟମେଣ୍ଟାଲ ଷ୍ଟୋରରେ ଏଣିକି ଓଡ଼ିଶା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରି ହେବ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କିଭଳି ନିଜର ନିଷ୍ଠା ଓ ପରିଶ୍ରମ ଫଳରେ ରୋଜଗାରକ୍ଷମ ହୋଇପାରିଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଆଦିବାସୀ ମେଳା । ଆଦିବାସୀ ମେଳା ମାଧ୍ୟମରେ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଉତ୍ପାଦକୁ ବଜାର ସହିତ ସଂଯୁକ୍ତ କରାଯାଇପାରୁଛି । ଏହି ମେଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କର ଉତ୍ପାଦକୁ ବିକ୍ରୟ କରିବା ସହିତ ରାଜଧାନୀରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ।

ଆଦିବାସୀ ମେଳାରେ ସୁଦୂର ରାୟଗଡ଼ାର ବିଷମକଟକରୁ ଆସିଥିବା ଚାଟିକଣା ଉନ୍ନୟନ ସଂସ୍ଥାର ନିୟମଗିରି ସ୍ୱୟଂ ସହାୟକ ସଂଘ ଖମ୍ବେସି, ମା'ଭୈରବୀ ସ୍ୱୟଂ ସହାୟକ ସଂଘ, ଖମ୍ବେସି ଆସିବାସୀ ମେଳାରେ ଗୁଣ୍ଡ ହଳଦୀ, ସୋରିଷ, ଝୁଡୁଙ୍ଗ, ବିରି, ପାଲୁଅ, ଗୋଲମରିଚ, କଞ୍ଚା ହଳଦୀ, ଶୁଖା ହଳଦୀ, କାଙ୍ଗୁ ଚାଉଳ, ମାଣ୍ଡିଆ ଗୁଣ୍ଡ, ଅଦା, ଅଁଳା, କାନ୍ଦୁଲ, ହରିଡ଼ା, ବାହାଡ଼ା ଆଦି ନିଜ ହାତରେ ପ୍ରସ୍ତୁତ କରି ଉତ୍ତମ ଗୁଣ ମାନର ସାମଗ୍ରୀ ଗ୍ରାହକମାନଙ୍କ ଆଗରେ ରଖିଛନ୍ତି । ଗ୍ରାହକମାନେ ଏହାକୁ ଆଗ୍ରହର ସହିତ କ୍ରୟ କରୁଛନ୍ତି ।

୨୦୦୪-୦୫ ମସିହାରେ ଚାଟିକଣା ଅଞ୍ଚଳରେ ଆରମ୍ଭ ହୋଇଥିବା ଏହି ସଂଘ ପ୍ରଥମ ୧୦ ଜଣ ସଦସ୍ୟା ଗ୍ରୁପ୍ କରି ପ୍ରତ୍ୟେକ ସଦସ୍ୟା ୧୦ ଟଙ୍କା ହିସାବରେ ସଂଘ ଆରମ୍ଭ କରିଥିଲେ । ଏବେ ଏହି ସଂଘର ସଦସ୍ୟାମାନେ ୫୦ ଟଙ୍କା ଲେଖାଏଁ ଆଦାୟ କରି ବ୍ୟାଙ୍କ ଋଣ କରି ସବ୍‌ସିଡି ପାଉଛନ୍ତି । କେବଳ ଉପରଲିଖିତ ସାମଗ୍ରୀ ନୁହେଁ ଏହା ବ୍ୟତୀତ ସବୁ ପ୍ରକାରର ହାତ ତିଆରି ଜିନିଷ ଯଥା ଖଲିପତ୍ର, ଶିଆଳିପତ୍ର, ବନଜାତ ଦ୍ରବ୍ୟ ସଂଗ୍ରହ କରି ଗ୍ରୁପ୍ ମାଧ୍ୟମରେ ମଧ୍ୟ ବିକ୍ରି କରିଥା'ନ୍ତି । ଆଉ ମଧ୍ୟ ଜଙ୍ଗଲରୁ ସପୁରୀ, ଆମ୍ବ ଆଦି ବିଭିନ୍ନ ଫଳ ସଂଗ୍ରହ କରି ବିକ୍ରୟ କରିଥା'ନ୍ତି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ହଳଦୀ, ଝୁଡୁଙ୍ଗ, ଅଦା, କାନ୍ଦୁଲ, ବରଗଡ଼ ଓ ଝାଡୁ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଅଛି ।

ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏବେ ମାସକୁ ଅତିକମ୍‌ରେ ପାଞ୍ଚ ହଜାର ଟଙ୍କା ପାଇପାରୁଛନ୍ତି ବୋଲି ସଂଘର ଗୋଲକ ସିକୁକା ପ୍ରକାଶ କରିଛନ୍ତି । ଆଦିବାସୀ ମେଳାରେ ଏହି ଦୁଇଟି ଷ୍ଟଲ୍‌ରେ ମିନାଇ ସିକକା, ଗଡେ କୁଣ୍ଡିକା, ମମି ୱାଡାକା, ସମିତା କୁଣ୍ଡିକା, ସମିତା ୱାଡାକା, ଚାରି ୱାଡାକା ଛଅ ଜଣ ସଦସ୍ୟା ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ